# ODM PUBLIC SCHOOL

SESSION : 13
CLASS : v
SUBJECT : (ଓଡ଼ିଆ)
CHAPTER NUMBER:07
CHAPTER NAME: ଜାପାନ ଅନୁଭୂତି
SUBTOPIC : ଉପକ୍ରମ,ପଠନକ୍ରିୟା,ଲେଖକ ପରିଚୟ



Website: www.odmegroup.org
Email: info@odmps.org
Edit with WPS Office
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ପଠନକ୍ରିୟା ମାଧ୍ୟମରେ ଜ୍ଞାନ ଆହରଣ।


Edit with WPS Office

# ଜାପାନ ଅନୁଭୂତି

ସନାତନ ପଣ୍ଡା

ସୂର୍ଯ୍ୟୋଦୟର ଦେଶ ଜାପାନ । ସେହି ଦେଶକୁ ଥରେ ଯିବାଲାଗି ବହୁ ଦିନରୁ ମନରେ ଅଭିଳାଷ ଥିଲା । ସୁଯୋଗ ମିଳି ନ ଥିଲା । କଥାରେ କହନ୍ତି – ମନ ଜାଣି ଫଳ, ଶେଷରେ ଦିନେ ସେହି ସୁଯୋଗଟି ମୋତେ ମିଳିଲା । ସେଦିନ ଥିଲା ୨୦୦୯ ମସିହାର ଜୁନ୍ ମାସ ୯ ତାରିଖ । ଭାରତର ବିଭିନ୍ନ ଅଞ୍ଚଳରୁ କେତେଜଣ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ସହିତ ସେଦିନ ସନ୍ଧ୍ୟାରେ ଆମ୍ଭେ ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲୁ ।

ମୋ ଦଳରେ ଯାତ୍ରା କରୁଥିବା ଶିକ୍ଷିକା ଶ୍ରୀମତୀ ସୋନିଆଙ୍କ ସମେତ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଇଁ ଏହା ପ୍ରଥମ ବିମାନ ଯାତ୍ରା ଥିଲା । ସମସ୍ତଙ୍କ ମନରେ ଭରି ରହିଥାଏ ଅନେକ ଉତ୍କଣ୍ଠା । ବିମାନ ଘଣ୍ଟାକୁ ପ୍ରାୟ ୧୦୦୦ କି.ମି. ବେଗରେ ଗତି କରୁଥାଏ । ଠିକ୍ ସକାଳ ୭ଟା ବେଳକୁ ଜାପାନର ରାଜଧାନୀ ଟୋକିଓ ନିକଟସ୍ଥିତ ନରିତା ବିମାନ ବନ୍ଦରରେ ଓହ୍ଲାଇଲୁ । ଜାପାନୀ ଘଣ୍ଟାରେ ସିନା ସେତେବେଳକୁ ସକାଳ ୭ଟା, କିନ୍ତୁ ଆମ ଘଣ୍ଟାରେ ସମୟ ହୋଇଥାଏ ୩ଟା ବାଜି ୩୦ମିନିଟ୍ । ଏହାର କାରଣ ହେଲା ଭାରତୀୟ ସମୟର ୩ଘଣ୍ଟା ୩୦ମିନିଟ୍ ପୂର୍ବରୁ ଜାପାନରେ ସୂର୍ଯ୍ୟୋଦୟ ହୋଇଥାଏ । ଆମେ ସଙ୍ଗେସଙ୍ଗେ ଜାପାନୀ ସମୟ ଅନୁସାରେ ଆମ ଘଣ୍ଟାର ସମୟ ଠିକ୍ କରିନେଲୁ । ଏହା ପରେ ଆମକୁ ସ୍ୱାଗତ କରିବା ପାଇଁ ଅପେକ୍ଷାରତ ଜାପାନୀ ସଂଯୋଜିକାମାନଙ୍କ ସହ ବସ୍ ଯୋଗେ ଟୋକିଓର ଏକ ହୋଟେଲ ଅଭିମୁଖେ ଅଗ୍ରସର ହେଲୁ ।



ଟୋକିଓର ରାସ୍ତାଘାଟ ପୂରା ଚକ୍‌ଚକ୍ ଦେଖାଯାଉଥାଏ । ଖାଲ ଢିପ ତ ଦୂରର କଥା । ରାସ୍ତାରେ ଧୂଳିମାଟି ମଧ୍ୟ ଦେଖାଯାଉ ନ ଥାଏ । ଟୁକୁରା କାଗଜ ଖଣ୍ଡେ ମଧ୍ୟ କେଉଁଠି ପଡ଼ି ନ ଥାଏ । ସକାଳ ସମୟ ହୋଇଥିଲେ ମଧ୍ୟ କେଉଁଠି ହେଲେ ଜଣେ ସଡ଼କ ଝାଡ଼ୁଦାର ଦେଖାଯାଉ ନ

Edit with WPS Office

ଥାନ୍ତି । ରାସ୍ତାରେ ଅଧିକାଂଶ ଲୋକ ସାଇକେଲ ଅଥବା ଚାରିଚକିଆ ଯାନରେ ଯାଉଥାନ୍ତି । ଏପରିକି କୋଟ୍-ଟାଇ ପିନ୍ଧା ବାବୁମାନେ ତଥା ବୟସ୍କ ଲୋକମାନେ ମଧ୍ୟ ରାସ୍ତାରେ ସାଇକେଲ୍ ଚଳାଇ ଯାଉଥିବାର ଦେଖିଲୁ । ଏହା ଦେଖି ଜାପାନୀମାନେ ଯେ କେତେ ପରିଶ୍ରମୀ ଓ ପରିବେଶ ପ୍ରେମୀ ସେ ବିଷୟରେ ଆମେ ପରସ୍ପର କଥା ହେଉଥାଉ ।

ଜାପାନର ରାସ୍ତାର ଛକ ସ୍ଥାନମାନଙ୍କରେ ଯାନବାହନ ଓ ପଦଚାରୀମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ଟ୍ରାଫିକ୍ ଲାଇଟ୍‌ର ସଙ୍କେତ ଯଥେଷ୍ଟ । ଟୋକିଓ ସହରର କେଉଁଠି ହେଲେ ଜଣେ ଟ୍ରାଫିକ୍ ପୋଲିସ୍ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବାର ନଜରକୁ ଆସି ନ ଥିଲା । ଏଥିରୁ ଜଣାପଡୁଥିଲା ଜାପାନୀମାନେ କେତେ ଶୃଙ୍ଖଳିତ ।

ଜାପାନର ରାସ୍ତା କଡ଼ରେ କେଉଁଠି ହେଲେ ଗୋଟେ ଉଠାଦୋକାନ ଆମେ ଦେଖିବାକୁ ପାଇଲୁ ନାହିଁ । ଫୁଟ୍‌ପାଥ୍ କଡ଼ରେ ଅଥବା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଦୋକାନୀ ନ ଥାଇ ଦୋକାନ ଦେଖିଲୁ । ସେହି ଦୋକାନମାନଙ୍କରେ ସମସ୍ତ ସାମଗ୍ରୀ କାଚ ଆଲମାରିରେ ସଜାହୋଇ ରହିଥାଏ । ଗ୍ରାହକ ଜାପାନୀ 'ୟେନ୍' ପକାଇବା ମାତ୍ରେ କାଚ ଭିତରେ ଏକ ନାଲି ରଙ୍ଗର ଆଲୋକ ଜଳିଉଠେ । ଏହା ପରେ ଗ୍ରାହକ ଆବଶ୍ୟକ ଜିନିଷ ପାଖରେ ସୁଇଚ୍ ଟିପିଲେ ଜିନିଷଟି ତଳକୁ ବାହାରି ଆସିବା ସଙ୍ଗେସଙ୍ଗେ ଅବଶିଷ୍ଟ ପଇସା ମଧ ବାହାରିଆସେ । ଜାପାନର ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରୟୋଗ ବିଷୟରେ ଆମେ ତ ଆଗରୁ ଶୁଣିଥିଲୁ । କିନ୍ତୁ ହୋଟେଲରେ ପହଞ୍ଚିବା ପରେ ଦେଖିଲୁ ତା'ର କୋଠରି, ଗାଧୁଆଘର, ପାଇଖାନା ପ୍ରଭୃତି ସବୁଠି ସ୍ୱୟଂଚାଳିତ ଯନ୍ତ୍ରପାତି ଖଞ୍ଜାଯାଇଛି ।

ଜାପାନରେ ରହଣି ସମୟରେ ସବୁଠୁ ମନଛୁଆଁ ଥିଲା ତା'ର ପରିଷ୍କାର ପରିଚ୍ଛନ୍ନତା ଓ ସବୁଜ ସୁନ୍ଦର ପରିବେଶ । ଘର ହେଉ ବା ବାହାର, ସ୍କୁଲ୍, ରାସ୍ତାଘାଟ ଅଥବା ଅଫିସ୍ କେଉଁଠି ହେଲେ ଟିକିଏ ଅଳିଆ ବା ଅଦରକାରୀ ଜିନିଷ ଫିଙ୍ଗାଫୋପଡ଼ା ହୋଇଥିବା ନଜରକୁ ଆସିଲା ନାହିଁ । ମନରେ ପ୍ରଶ୍ନ ଉଠୁଥାଏ, ଏମାନେ ତେବେ ଅଳିଆ ଆବର୍ଜନାକୁ କରନ୍ତି କ'ଣ ? ନଜର ପଡ଼ିଲା ହୋଟେଲ୍ ଲବିରେ ଥିବା ତିନୋଟି ଭିନ୍ନ ଭିନ୍ନ ରଙ୍ଗର ଅଳିଆ ପାତ୍ର ଉପରେ । ଗୋଟିଏ ସ୍ଥାନରେ ତିନୋଟି ଅଳିଆ ପାତ୍ର ଦେଖି ଏହାର କାରଣ କିଛି ବୁଝିପାରିଲି ନାହିଁ । ଆମ ସହ ଥିବା ଜାପାନୀ ସଂଯୋଜିକା ସୋମା ସାନ୍‌ଙ୍କୁ ଏ ବିଷୟରେ ପଚାରିଲି । ସେ ମୋର ଆଗ୍ରହ ଦେଖି କହିଲେ, "ଆପଣ ଯେଉଁ ସବୁଜ ରଙ୍ଗର ଡଷ୍ଟବିନ୍‌ଟି ଦେଖୁଛନ୍ତି ସେଥିରେ ଦାହ୍ୟ ବର୍ଜ୍ୟବସ୍ତୁ ପକାଯାଏ । ଲାଲ ରଙ୍ଗର ଡଷ୍ଟବିନ୍‌ରେ ଅଦାହ୍ୟ ବର୍ଜ୍ୟବସ୍ତୁ ଓ ନୀଳ ରଙ୍ଗର ଡଷ୍ଟବିନ୍‌ରେ ପୁନଃଚକ୍ରଣ ଯୋଗ୍ୟ ବର୍ଜ୍ୟବସ୍ତୁ ପକାଯାଏ"।

ଦୈନନ୍ଦିନ ଜୀବନରେ ଆବର୍ଜନାର ପରିମାଣ କମାଇବା ପାଇଁ ଜାପାନୀମାନେ ମୂଳରୁ ସତର୍କତା ଅବଲମ୍ବନ କରିଥାନ୍ତି । ସେମାନେ ଖାଇବା ସମୟରେ ଖାଦ୍ୟ ନଷ୍ଟ କରନ୍ତି ନାହିଁ । ଯେତିକି ଖାଇବେ ସେତିକି ନିଅନ୍ତି । ଜିନିଷ କିଣିବାବେଳେ ଯେଉଁ ଜିନିଷ ଶୀଘ୍ର ନଷ୍ଟ ହୁଏ ନାହିଁ ସେପରି ଜିନିଷ କିଣିବାକୁ ପସନ୍ଦ କରିଥାନ୍ତି ।

ଦ୍ୱିତୀୟତଃ ଥରେ ବ୍ୟବହାର ପରେ Edit with WPS Office ସଙ୍ଗେସଙ୍ଗେ ଫିଙ୍ଗିଦିଅନ୍ତି ନାହିଁ ।

ପ୍ରତ୍ୟେକ ଜିନିଷ ଫୋପାଡ଼ିବା ପୂର୍ବରୁ ଏହା କେଉଁ ଉପାୟରେ ବ୍ୟବହାର କରାଯାଇପାରିବ ଚିନ୍ତା କରିଥାନ୍ତି, ଅଯଥା ଦୋକାନରୁ ପଲିଥିନଟିଏ ନ ଆଣି ସେମାନେ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି ।

ତୃତୀୟତଃ ଅଳିଆ ଫୋପାଡ଼ିବା ସମୟରେ ସେମାନେ ଦେଖନ୍ତି କେଉଁଗୁଡ଼ିକର ପୁନଃଚକ୍ରଣ ସମ୍ଭବ । କେଉଁଟି ଦାହ୍ୟ ବା ଅଦାହ୍ୟ । ସେଇ ଅନୁସାରେ ସେମାନେ ଭିନ୍ନଭିନ୍ନ ଡଷ୍ଟବିନ୍‌ରେ ପକାଇଥାନ୍ତି । ପୁନଃଚକ୍ରଣ ପଦ୍ଧତିରେ ଜାପାନୀମାନେ ବର୍ଜ୍ୟବସ୍ତୁରୁ ବହୁ ବ୍ୟବହାର୍ଯ୍ୟ ପଦାର୍ଥ ଯଥା ନାନା ରଙ୍ଗର ପୋଷାକ, ବୋତଲ, ଟ୍ରେ, କାର୍ଟୁନ୍ ଇତ୍ୟାଦି ତିଆରି କରିଥାନ୍ତି ।



ଜାପାନର ଓକିନାୱା ରାଜ୍ୟର ୟୋମେଇ ସିନିଅର ହାଇସ୍କୁଲରେ ଆମେ ଗୋଟେ ଦିନ କଟାଇବାର ସୁଯୋଗ ପାଇଥିଲୁ । ଏ ଦେଶର ଶତପ୍ରତିଶତ ଲୋକ ସାକ୍ଷର । ସେଠାରେ ୧୫ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ । ଶିଶୁମାନେ ୪ରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ୩ବର୍ଷ କେ.ଜି. ସ୍କୁଲକୁ ଯାଆନ୍ତି । ଏହା ପରେ ୭ରୁ ୧୨ବର୍ଷ ବୟସ ପର୍ଯ୍ୟନ୍ତ ୬ବର୍ଷ ପ୍ରାଥମିକ ଶିକ୍ଷା ଓ ୧୩ରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ୩ବର୍ଷର ଜୁନିଅର ହାଇସ୍କୁଲ ଶିକ୍ଷା ବାଧ୍ୟତାମୂଳକ । ଏହା ପରେ ୧୬ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ୩ ବର୍ଷର ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ରହିଛି ।

ସେଠାରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଜାପାନୀ ଛାତ୍ରମାନେ ଗଣିତ, ବିଜ୍ଞାନରେ କିନ୍ତୁ ପଛୁଆ ନୁହନ୍ତି । ସେଠାର ଅଧିକାଂଶ ଭଲ ଛାତ୍ର ବୈଜ୍ଞାନିକ ହେବାପାଇଁ ଲକ୍ଷ୍ୟ ରଖନ୍ତି । ଜାପାନୀ ସ୍କୁଲରେ ପାଠ ବିଷୟ ସଙ୍ଗେସଙ୍ଗେ ଶାରୀରିକ ଶିକ୍ଷା ଓ ଖେଳକୁଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସେଠିକାର ଛାତ୍ରଛାତ୍ରୀମାନେ କୌଣସି କାର୍ଯ୍ୟପାଇଁ ପିଅନ ଉପରେ ନିର୍ଭର କରନ୍ତି ନାହିଁ । ଉଭୟ ପୁଅଝିଅ ମିଶି ଶ୍ରେଣୀଗୃହ, ଶିକ୍ଷକ ପ୍ରକୋଷ୍ଠ ଏପରିକି ଶୌଚାଳୟ ମଧ୍ୟ ନିଜେ ସଫା କରିଥାନ୍ତି । ଏହିସବୁ ପ୍ରତ୍ୟେକ କାର୍ଯ୍ୟପାଇଁ ଛାତ୍ରଛାତ୍ରୀମାନଙ୍କୁ କେତୋଟି ଦଳରେ ବିଭକ୍ତ କରାଯାଇଥାଏ । ସେମାନେ ଦଳବଦ୍ଧ ଭାବରେ ଏହି କାର୍ଯ୍ୟ କରିଥାନ୍ତି । ସେଠାରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ

Edit with WPS Office

# ଲେଖକ ପରିଚୟ

ODM EDUCATIONAL GROUP
Changing your Tomorrow

ଲେଖକ ସନାତନ ପଣ୍ଡା ଓଡ଼ିଆ ଭାଷା ସାହିତ୍ୟ ଜଗତରେ ଏକ ଅମଳିନ ପ୍ରତିଭା ।ସେ ୧୯୬୪ମସିହା ଜୁଲାଇ ୨୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ଶିଶୁସାହିତ୍ୟ ରଚନା କରିବାରେ ସେ ବେଶ୍ ସିଦ୍ଧହସ୍ତ । 'ବୋଉ ମୁଁ ସ୍କୁଲ ଯିବି','ଚିନୁ ଯାଇଥିଲା ଜହ୍ନ ରାଇଜ', 'କୁହୁକ ମନ୍ତ୍ର' ଓ 'ମୋ ସ୍ୱପ୍ନ ମୋ ସ୍କୁଲ'ତାଙ୍କ ଦ୍ୱାରା ରଚିତ କେତୋଟି ଶିଶୁ ସାହିତ୍ୟ ପୁସ୍ତକ । ଏହା ବ୍ୟତୀତ ତାଙ୍କର ଅନେକ କ୍ଷୁଦ୍ରଗଳ୍ପ ଓ କବିତା ଶିଶୁଲେଖା,ଫୁଲଝରି,ମୀନାବଜାର,ବିଜ୍ଞାନଦିଗନ୍ତ, ତେଲେଙ୍ଗିବାଜା,ପ୍ରଭୃତି ଶିଶୁ ପତ୍ରିକାରେ ପ୍ରକାଶିତ ।

Edit with WPS Office

# ଗୃହକର୍ମ

ବିଷୟଟିକୁ ଭଲଭାବରେ ଘରେ ପଢ ।

Edit with WPS Office

# LEARNING OUTCOME:

ବିଷୟ ପଠନ ମାଧ୍ୟମରେ ଜ୍ଞାନ ହାସଲ  ।

Edit with WPS Office

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow

Edit with WPS Office